# NATIONAL NEWS BULLETIN (ODIA)

**22 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂର ଓ ବିହାର ଭୋଟର ତାଲିକା ସଂଶୋଧନ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ

- ବିରୋଧୀ ଦଳଗୁଡ଼ିକର ବିକ୍ଷୋଭ ଯୋଗୁଁ ଲୋକସଭା ଓ ରାଜ୍ୟସଭାରେ ସମ୍ଭବ ହେଲାନାହିଁ ପ୍ରଶ୍ନକାଳ ଆଲୋଚନା

– ଉଭୟ ଗୃହ ଅପରାହ୍ନ ୨ଟା ଯାଏଁ ମୁଲତବୀ

- ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାରେ ୧୨ ଜଣ ଅଭିଯୁକ୍ତଙ୍କୁ ଖଲାସ ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କଲେ ମହାରାଷ୍ଟ୍ର ସରକାର

- ବାଂଲାଦେଶରେ ବାୟୁସେନା ବିମାନ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୭କୁ ବୃଦ୍ଧି

ଏବଂ

- ଫିଡେ ମହିଳା ଚେସ୍ ବିଶ୍ୱକପ୍‌ର ଶେଷ ଚାରୋଟି ମ୍ୟାଚ୍‌ରେ ଭାରତର ଦୁଇ ଜଣ ଖେଳାଳି ସ୍ଥାନିତ

# ଲୋକସଭା–ରାଜ୍ୟସଭା ଆଡଜର୍ଣ୍ଣଡ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ଉଭୟ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

ଏ ସମ୍ପର୍କରେ ଆମର ଏକ ରିପୋର୍ଟ...

ପ୍ରଥମ ମୁଲତବୀ ପରେ ୧୨ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଅପରେସନ ସିନ୍ଦୂର, ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନ ଦେଇଥିଲେ। ସରକାର ବିରୋଧୀ ସ୍ଲୋଗାନ ଦେଇ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀ ସାଂସଦମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ଅଧ୍ୟକ୍ଷଙ୍କ ଅନୁରୋଧକୁ କର୍ଣ୍ଣପାତ କରି ନ ଥିଲେ। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ମଧ୍ୟ ବିରୋଧୀମାନଙ୍କୁ ଗୃହ କାର୍ଯ୍ୟର ସୁପରିଚାଳନାରେ ସହଯୋଗ କରିବାକୁ ଅନୁରୋଧ କରି ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ। ଅଧ୍ୟକ୍ଷ ଜଗଦମ୍ବିକା ପାଲ କହିଥିଲେ, ଅପରେସନ୍ ସିନ୍ଦୂର ଉପରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ

ବିରୋଧୀ ସଦସ୍ୟମାନେ ଏ କଥାକୁ କର୍ଣ୍ଣପାତ ନ କରି ହଟ୍ଟଗୋଳ ଜାରି ରଖିବାରୁ ଅଧ୍ୟକ୍ଷ ଗୃହ କାର୍ଯ୍ୟକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

**V/O– Jagadambika Pal**

ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭାର ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। କୃଷି ଏବଂ କୃଷକଙ୍କ ସହ ଜଡ଼ିତ ପ୍ରଶ୍ନ ଆଲୋଚନା ପାଇଁ ଥିବାରୁ ବାଚସ୍ପତି ଓମ୍ ବିର୍ଲା ବିରୋଧୀ ଦଳକୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବାକୁ ଅନୁରୋଧ କରିଥିଲେ। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ମଧ୍ୟ ଅଧିକାଂଶ ପ୍ରଶ୍ନ ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ ଥିବାରୁ ଗୃହ କାର୍ଯ୍ୟକୁ ସୁଗମ କରିବାରେ ସହଯୋଗ କରିବା ପାଇଁ ବିରୋଧୀ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ଏବଂ କେନ୍ଦ୍ର ମନ୍ତ୍ରୀଙ୍କ ଅନୁରୋଧ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ପ୍ରଥମେ ବାଚସ୍ପତି ମଧ୍ୟାହ୍ନ ୧୨ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ।

**V/O– Shivraj Singh Chauhan**

ସେହିପରି ରାଜ୍ୟସଭାରେ ମଧ୍ୟ ଆଜି ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ କରିବା ଯୋଗୁଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ବୈଠକ ବସିବା ମାତ୍ରେ ବିରୋଧୀ ସଦସ୍ୟମାନେ ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ପାଇଁ ପୁଣିଥରେ ଚାପ ପକାଇଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଘନଶ୍ୟାମ

ତିୱାରୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ସମ୍ଭବ ହୋଇପାରି ନଥିଲା। ଏହି ସମୟରେ ଅଧ୍ୟକ୍ଷ ଶ୍ରୀ ତିୱାରୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ବିଜ୍ଞପ୍ତି ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ପରେ ଅଧ୍ୟକ୍ଷ ଗୃହକାର୍ଯ୍ୟକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ଅପୋଜିସନ୍ ପ୍ରୋଟେଷ୍ଟ

ବିହାରରେ ଚାଲିଥିବା ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ଆଜି ସଂସଦର ମକର ଦ୍ୱାରଠାରେ ବିରୋଧୀ ଦଳ ଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିନ ଥିବାବେଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ସଦସ୍ୟମାନେ ପ୍ଲା'କାର୍ଡ ଧରି ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନର ଉଦ୍ଦେଶ୍ୟ ଏବଂ ବୈଧତା ସମ୍ପର୍କରେ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଦାବି କରି ସ୍ଲୋଗାନ ଦେଇଥିଲେ। କଂଗ୍ରେସ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଟି.ଏମ୍.ସି, ଡି.ଏମ୍.କେ ଏବଂ ଅନ୍ୟ ବିରୋଧୀ ରାଜନୈତିକ ଦଳର ସାଂସଦମାନେ ଏହି ବିକ୍ଷେଭାରେ ସାମିଲ ହୋଇ ସ୍ୱତନ୍ତ୍ର ନିର୍ବାଚନ ଆୟୁକ୍ତଙ୍କ ଏହି ସ୍ୱତନ୍ତ୍ର ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ।

## ପ୍ରଧାନମନ୍ତ୍ରୀ-ଧନଖଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ

ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଧନଖଡ଼ଙ୍କୁ ଭାରତର ଉପରାଷ୍ଟ୍ରପତି ସମେତ ବିଭିନ୍ନ ପଦପଦବୀରେ ଦେଶସେବା କରିବାର ଅନେକ ସୁଯୋଗ ମିଳିଛି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗତକାଲି ଉପରାଷ୍ଟ୍ରପତି ପଦରୁ ଶ୍ରୀ ଧନଖଡ଼ ଇସ୍ତଫା ଦେଇଥିଲେ।

## ଏସ୍‌ସି-ମୁମ୍ବାଇ ବ୍ଲାଷ୍ଟ

ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ମାମଲାର ୧୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ମହାରାଷ୍ଟ୍ର ସରକାର ଆଜି ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଛନ୍ତି। ଆସନ୍ତା ୨୪ ତାରିଖରେ ଏହି ଆବେଦନର ଶୁଣାଣି ପାଇଁ ସୁପ୍ରିମକୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି।

୨୦୦୬ ମସିହା ଜୁଲାଇ ୧୧ ତାରିଖରେ ଘଟିଥିବା ଏହି ବିସ୍ଫୋରଣରେ ୧୮୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ମାମଲାର ଶୁଣାଣି କରି ୨୦୧୫ ମସିହାରେ ମୁମ୍ବାଇ ସ୍ୱତନ୍ତ୍ର ଅଦାଲତ ଦେଇଥିବା ରାୟକୁ ଖାରଜ କରି ବମ୍ବେ ହାଇକୋର୍ଟ ଗତକାଲି ୧୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ରାୟ ଦେଇଥିଲେ। ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଥିବା ପ୍ରମାଣ ଯଥେଷ୍ଟ ନୁହେଁ ଏବଂ ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ବୋମା ସମ୍ପର୍କରେ ପ୍ରତିପକ୍ଷ ସ୍ପଷ୍ଟ ଭାବେ ଉପସ୍ଥାପନ କରିପାରିନଥିବା ଦର୍ଶାଇ ମୁମ୍ବାଇ ହାଇକୋର୍ଟ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ ଖାରଜ କରିଥିଲେ।

## ବ୍ରିଟିଶ ଏୟାରକ୍ରାଫ୍ଟ

ବ୍ରିଟିଶ ନୌସେନାର ଏଫ୍-35 ଯୁଦ୍ଧବିମାନ ସଫଳ ମରାମତି ପରେ ଆଜି ପୁଣି ଯାତ୍ରା ଆରମ୍ଭ କରିଛି। ବିମାନଟି ଗତ ଜୁନ୍ ୧୪ ତାରିଖରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ତିରୁଅନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଥିଲା। ବିମାନଟିର ମରାମତି ପାଇଁ ଇଂଲଣ୍ଡର ଏକ ଇଞ୍ଜିନିୟରିଂ ଦଳ ଜୁଲାଇ ୬ ତାରିଖରୁ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବ୍ୟାପକ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଯାଞ୍ଚ ପରେ ଏହି ଜେଟ୍ ବିମାନଟି ପୁଣିଥରେ ସକ୍ଷମ ହୋଇ ଉଡ଼ାଣ କରିଛି।

## ବାଂଲାଦେଶ୍-ଏୟାର୍‌କ୍ରାଫ୍ଟ କ୍ରାସ୍

ବାଂଲାଦେଶ ବାୟୁସେନାର ଏଫ୍-ସେଭେନ୍ ଲଢୁଆ ବିମାନ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି । ମୃତକଙ୍କ ମଧ୍ୟରେ ୨୫ ଜଣ ଶିଶୁ ଅଛନ୍ତି। ଏହି ପ୍ରଶିକ୍ଷଣ ବିମାନଟି ଗତକାଲି ଅପରାହ୍ଣ ଗୋଟାଏ ସମୟରେ ଢାକା ନିକଟ ମାଇଲ୍‌ଷ୍ଟୋନ୍ ସ୍କୁଲ୍ ଏବଂ କଲେଜ୍ ପରିସରରେ ଖସିପଡ଼ିଥିଲା । ଏଥିରେ ୧୬୯ ଜଣ ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୭୮ ଜଣ ଢାକାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଆନ୍ତଃ ସାର୍ବଜନୀନ ସୂଚନା ପ୍ରଦାନକାରୀ ସଂସ୍ଥା କହିଛି।

ସେଠାକାର ବାୟୁସେନା ପାଖରେ ଦେଶର ଅନ୍ୟ ଘାଟିଗୁଡ଼ିକରୁ ଏପରି ପ୍ରଶିକ୍ଷଣ ପରିଚାଳନା କରିବାର ବିକଳ୍ପ ରହିଥିଲେ ମଧ୍ୟ ଢାକା ଭଳି

ସହରରେ ଯୁଦ୍ଧବିମାନ ପ୍ରଶିକ୍ଷଣ ପରିଚାଳନା କରିବାର ଯଥାର୍ଥତାକୁ ନେଇ ବାଂଲାଦେଶର ସାମରିକ ଏବଂ ବେସାମରିକ ବିମାନ ଚଳାଚଳ କର୍ମଚାରୀମାନେ ପ୍ରଶ୍ନ ଉଠାଇଛନ୍ତି ।

## ଆପାଚି ହେଲିକପ୍ଟର

ଭାରତୀୟ ବାୟୁସେନାରେ ସାମିଲ ହେବା ପାଇଁ ଆଜି ଆମେରିକାରୁ ପ୍ରଥମ ବ୍ୟାଚ୍ ଆପାଚି ହେଲିକପ୍ଟର ଅଣାଯାଇଛି । ଏହି ଅତ୍ୟାଧୁନିକ ହେଲିକପ୍ଟର ଗୁଡ଼ିକର ଉନ୍ନତ ଯୁଦ୍ଧକ୍ଷମତା ରହିଛି । ଉନ୍ନତ ଅସ୍ତ୍ରଶସ୍ତ୍ର, ସେନସର ଏବଂ ପାଣିପାଗ ନିର୍ଣ୍ଣୟ କ୍ଷମତାରେ ସଜ୍ଜିତ ଏହି ହେଲିକପ୍ଟରଗୁଡ଼ିକ ଅତ୍ୟାଧୁନିକ ଇଞ୍ଜିନିୟରିଂ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି । ଆପାଚି ହେଲିକପ୍ଟର ସାମିଲ ହେବା ଦ୍ୱାରା ଭାରତୀୟ ବାୟୁସେନାର ଉଲ୍ଲେଖନୀୟ ଦକ୍ଷତା ବୃଦ୍ଧି ପାଇବ ବୋଲି କୁହାଯାଉଛି । ୨୦୧୫ ମସିହାରେ ଆମେରିକା ସରକାର ଏବଂ ବୋଇଂ ସହିତ ଚୁକ୍ତିନାମା ଅନୁଯାୟୀ ଭାରତୀୟ ବାୟୁସେନା ୨୨ଟି ଆପାଚି ହେଲିକପ୍ଟର କିଣିଥିଲା ।

## ବିହାର ଆସେମ୍ବ୍ଲି ପ୍ରୋଟେଷ୍ଟ

ବିହାର ବିଧାନସଭାରେ ଆଜି ଆର୍.ଜେ.ଡି–କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମହାମେଣ୍ଟର ସଦସ୍ୟମାନେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କ୍ରମାଗତ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ପରିଚାଳନାରେ ବାଧା ଉପୁଜିବାରୁ ବାଚସ୍ପତି ନନ୍ଦକିଶୋର ଯାଦବ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହ କାର୍ଯ୍ୟକୁ ସ୍ଥଗିତ ରଖିଛନ୍ତି ।

ଆଜି ବିହାର ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସ। ବିରୋଧୀ ମହାମେଣ୍ଟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରସଙ୍ଗ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ନୀତିଶ ସରକାରଙ୍କୁ ବିରୋଧ କରିଥିଲେ। ସକାଳ ୧୧ଟାରେ ବିରୋଧୀ ସିପିଆଇ-ଏମ୍‌ଏଲ୍ ଏବଂ ଆର୍‌ଜେଡିର ସଦସ୍ୟମାନେ କଳାପୋଷାକ ପିନ୍ଧି ଏବଂ ପ୍ଲା'କାର୍ଡ ଧରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସେମାନଙ୍କର ବିକ୍ଷୋଭ ଜାରି ରଖିଥିଲେ। ବିକ୍ଷୋଭ ସମୟରେ କିଛି ସଦସ୍ୟ ସାମ୍ବାଦିକଙ୍କ ଟେବୁଲ ଓଲଟାଇବାକୁ ଚେଷ୍ଟା କରିଥିଲେ। ସଦସ୍ୟମାନଙ୍କ ଏଭଳି ବିଶୃଙ୍ଖଳିତ ଆଚରଣକୁ ବାଚସ୍ପତି ତୀବ୍ର ସମାଲୋଚନା କରିବା ସହ ଗୃହ କାର୍ଯ୍ୟକୁ ଅପରାହ୍ଣ ୨ଟା ଯାଏଁ ମୁଲତବୀ ରଖିଛନ୍ତି।

ଏହା ପୂର୍ବରୁ ମହାମେଣ୍ଟର ସଦସ୍ୟମାନେ ବିହାର ବିଧାନସଭା ମୁଖ୍ୟ ଫାଟକ ବାହାରେ ବିକ୍ଷୋଭ ପ୍ରଦର୍ଶନ କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

## ସେଚ୍-ଓ୍ୱିମେନ୍ ଫିଡେ

ଜର୍ଜିଆର ବାଟୁମିରେ ଆଜିଠାରୁ ଆରମ୍ଭ ହେଉଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍‌ର ଶେଷ ଚାରିଟି ମ୍ୟାଚ୍‌ରେ ଦୁଇ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟକୁ ଦିବ୍ୟା

ଦେଶମୁଖ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି ଭାବେ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲ ପର୍ଯ୍ୟାୟରେ ଦିବ୍ୟା ଦେଶମୁଖ ଚୀନ୍‌ର ଗ୍ରାଣ୍ଡମାଷ୍ଟର ଟାନ୍ ଜୋଙ୍ଗୀଙ୍କୁ ଭେଟିବେ। ଗତକାଲିର ମ୍ୟାଚ୍‌ରେ ଦିବ୍ୟା ଦ୍ରୁତ ଟାଏବ୍ରେକର ମାଧ୍ୟମରେ ହାରିକା ଦ୍ରୋଣାଭିଲାଙ୍କୁ ୨-୦ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ପୂର୍ବରୁ ଭାରତର ଏକ ନମ୍ବର ମହିଳା ଚେସ୍ ଖେଳାଳି କୋନେରୋ ହମ୍ପି ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଆଜି ସନ୍ଧ୍ୟାରେ ହମ୍ପି ଏବଂ ଚୀନ୍ ଗ୍ରାଣ୍ଡମାଷ୍ଟର ଲି ଟିଙ୍ଗଜିଙ୍କ ମଧ୍ୟରେ ମୁକାବିଲା ହେବ।